# ଭାରତୀୟ ଜନତା ପାର୍ଟି, ଓଡିଶା

ବିଜେପିର ଜନପରାମର୍ଶ ପଦଯାତ୍ରା ଅବସରରେ

## ଆସନ୍ତା ଡିସେମ୍ବର ୨୪ ତାରିଖରେ ଓଡିଶା ଗସ୍ତରେ ଆସିବେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ : ଅରୁଣ ସିଂ

## ଓଡିଶାକୁ ବିକାଶପଥରେ ଆଗେଇ ନେବାରେ ମୁଖ୍ୟମନ୍ତ୍ରୀ ସଂପୂର୍ଣ୍ଣ ଭାବେ ବିଫଳ ହୋଇଛନ୍ତି : ଅରୁଣ ସିଂ

- **ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଖୋର୍ଦ୍ଧାଠାରେ ଏକ ବିଶାଳ ସମାବେଶରେ ଯୋଗଦେବେ**
- **ନିଶ୍ଚିନ୍ତ କୋଇଲି ଠାରେ ଜନପରାମର୍ଶ ପଦଯାତ୍ରାରେ ସାମିଲ ହେଲେ ରାଜ୍ୟ ପ୍ରଭାରୀ ଅରୁଣ ସିଂ**
- **ଦୀର୍ଘ ୧୯ ବର୍ଷ ଧରି ରାଜ୍ୟରେ ପିସି ସରକାର ଚାଲିଛି**
- **ରାଜ୍ୟବାସୀ ଶିକ୍ଷା, ସ୍ୱାସ୍ଥ୍ୟ, ସୁରକ୍ଷା ଆଦି ମୌଳିକ ସୁବିଧା ପାଇବାରୁ ବଂଚିତ ଅଛନ୍ତି**
- **ରାଜ୍ୟସରକାର ପିସି କାରବାର କରି କୋଟି କୋଟି ଟଙ୍କା ଲୁଟ୍ କରି ଚାଲିଛି**

**ଭୁବନେଶ୍ୱର,ତା ୦୫/୧୨:** ନିର୍ବାଚନୀ ସମୟ ପାଖେଇ ଆସିଲେ ମୁଖ୍ୟମନ୍ତ୍ରୀ ବିଭିନ୍ନ ପ୍ରକାରର ଯୋଜନା କରି ରାଜ୍ୟବାସୀଙ୍କୁ ଭୁଆଁ ବୁଲାନ୍ତି । ରାଜ୍ୟସରକାର କୃଷକ ସାଥୀ, ଗାଁ ସାଥୀ ଭଳି ଏବେ 'ଆମ ଗାଁ ଆମ ବିକାଶ' ମାଧ୍ୟମରେ କୋଟି କୋଟି ଟଙ୍କା ନିଜ ଦଳୀୟ କର୍ମୀମାନଙ୍କୁ ବାଂଟି ହୀନ ରାଜନୀତି କରୁଛନ୍ତି । ଦୀର୍ଘ ୧୯ ବର୍ଷ ଧରି ରାଜ୍ୟରେ ପିସି ସରକାର ଚାଲିଛି । ସବୁ ସ୍ତରରେ ବିନା ପିସିରେ କୌଣସି କାର୍ଯ୍ୟ ହେଉନାହିଁ । ଦଳୀୟ ନେତାଙ୍କ ଠାରୁ ଆରମ୍ଭ କରି ବିଧାୟକ ଏବଂ ମନ୍ତ୍ରୀ ପର୍ଯ୍ୟନ୍ତ ସମସ୍ତେ ଦୁର୍ନୀତି ଓ ଭ୍ରଷ୍ଟାଚାରରେ ବୁଡି ରହିଛନ୍ତି । ସାଧାରଣ ବର୍ଗ ଲୋକମାନେ ପ୍ରତି କ୍ଷେତ୍ରରେ ଶୋଷଣର ଶିକାର ହେଉଛନ୍ତି । ଦୀର୍ଘ ୧୯ ବର୍ଷ ଶାସନ କରିବା ପରେ ବି ମୁଖ୍ୟମନ୍ତ୍ରୀ ଓଡିଶାକୁ ବିକାଶ ପଥରେ ଆଗେଇ ନେବାରେ ସଂପୂର୍ଣ୍ଣ ଭାବେ ବିଫଳ ହୋଇଛନ୍ତି ବୋଲି ରାଷ୍ଟ୍ରୀୟ ସାଧାରଣ ସଂପାଦକ ତଥା ରାଜ୍ୟ ପ୍ରଭାରୀ ଶ୍ରୀ ଅରୁଣ ସିଂ କହିଛନ୍ତି ।

ଆଜି ନିଶ୍ଚିନ୍ତ କୋଇଲି ଠାରେ ବିଜେପିର ଜନପରାମର୍ଶ ପଦଯାତ୍ରାରେ ଶ୍ରୀ ସିଂ ସାମିଲ ହୋଇ ମୁଖ୍ୟମନ୍ତ୍ରୀଙ୍କୁ ସମାଲୋଚନା କରିବା ସହ ରାଜ୍ୟସରକାରଙ୍କ ଦୋଷ ଦୁର୍ବଳତାକୁ ଲୋକଙ୍କ ଆଗରେ ବଖାଣିଛନ୍ତି । ରାଜ୍ୟବାସୀ ଶିକ୍ଷା, ସ୍ୱାସ୍ଥ୍ୟ, ସୁରକ୍ଷା ଆଦି ମୌଳିକ ସୁବିଧା ପାଇବାରୁ ବଂଚିତ ହେଉଛନ୍ତି । ଶାସକ ଦଳର ନେତାମାନେ ପିସି କାରବାର ମାଧ୍ୟମରେ କୋଟି କୋଟି ଟଙ୍କା ଲୁଟ୍ କରି ନିଜର ସଂପତି ବୃଦ୍ଧି କରିଛନ୍ତି । ଶାସକ ବିଜେଡି ସାଧାରଣ ଲୋକଙ୍କୁ ଦେଇଥିବା ପ୍ରତିଶୃତି ଆଜି ପାଣିର ଗାର ପାଲଟିଛି । ଏହାକୁ ଓଡିଶା ବାସୀ ବୁଝିସାରିଲେଣି ଏବଂ ଆଗାମୀ ଦିନରେ ଏହା ବିରୁଦ୍ଧରେ ଜବାବ ଦେବେ ବୋଲି ଶ୍ରୀ ସିଂ କହିଛନ୍ତି ।

ଶ୍ରୀ ସିଂ କହିଛନ୍ତି ଯେ, ମହିଳାମାନଙ୍କୁ ସଂରକ୍ଷଣ ଦେବା ନାଁ ରେ ପୁଣି ଥରେ ବିଜେଡି ହୀନ ରାଜନୀତି କରିବାକୁ ଚେଷ୍ଟା କରୁଛି । ପୂର୍ବରୁ ବିଜେପି ମାତୃଜାତିକୁ ସମ୍ମାନ ଦେଇ ଦଳର ତୃଣମୂଳସ୍ତରରୁ ଆରମ୍ଭ କରି କେନ୍ଦ୍ରୀୟ ସ୍ତର ପର୍ଯ୍ୟନ୍ତ ମହିଳାମାନଙ୍କୁ ବିଭିନ୍ନ ପଦ ପଦବୀରେ ସ୍ଥାନ ଦେଇଛି । ଏଥି ସହ ଆଗାମୀ ଡିସେମ୍ବର ୨୪ ତାରିଖ ଦିନ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଓଡିଶା ଗସ୍ତରେ ଆସି ଖୋର୍ଦ୍ଧାଠାରେ ଏକ ବିଶାଳ ସମାବେଶରେ ଯୋଗଦେବେ ବୋଲି ଶ୍ରୀ ସିଂ ସୂଚନା ଦେଇଛନ୍ତି ।

ଏହି ଜନପରାମର୍ଶ ପଦଯାତ୍ରାରେ ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର, ରାଜ୍ୟ ରାର୍ଯ୍ୟକାରିଣୀ ସଦସ୍ୟ ଶାରଦା ପ୍ରଧାନ, ଜିଲ୍ଲା ସଭାପତି ଚୌଧୁରୀ ହେମନ୍ତ ସାହୁ, ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଅଶୋକ ଦାସ, ସମୀର ସାମଲଙ୍କ ସମେତ ସ୍ଥାନୀୟ ନେତୃବୃନ୍ଦ ପ୍ରମୁଖ ସାମିଲ ଥିଲେ ।

**(ବିଜେପି ମିଡିଆ ସେଲ୍)**